### ପଥର ବୋଝେଇ ଟ୍ରକ୍ ଜବତ

ଗୋପବନ୍ଧୁ ନଗର,(ଡି.ଏନ.ଏ.)- ଖୁଣ୍ଟା ଥାନା ଅନ୍ତର୍ଗତ ତିଲିକା ନିକଟରୁ ବେଆଇନ ମାଙ୍କଡ଼ା ପଥର ବୋଝେଇ ଏକ ଟ୍ରକ୍‌କୁ ପୋଲିସ ଜବତ କରିଛି। ଟ୍ରକ୍ ଡ୍ରାଇଭର ଗଦାଧର ମଲ୍ଲିକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୮୦/୨୩ ) ରୁଜୁ ହୋଇଛି।

## ସଂକ୍ଷେପରେ

### କଳାଦିବସ ପାଳିଲା ଅଖିଳ ଭାରତୀୟ ଚିକିତ୍ସକ ସଂଘ

ଭଦ୍ରକ ଅଫିସ,୨୭।୩ : ରାଜସ୍ଥାନ ସରକାରଙ୍କ ସ୍ୱାସ୍ଥ୍ୟ ଆଇନକୁ ବିରୋଧ ଏବଂ ଦେଶର ବିଭିନ୍ନ ସ୍ଥାନରେ ଡାକ୍ତରଙ୍କୁ ଆକ୍ରମଣ ପ୍ରତିବାଦରେ ସୋମବାର ଅଖିଳ ଭାରତୀୟ ଚିକିତ୍ସକ ସଂଘର ଭଦ୍ରକ ଶାଖା ପକ୍ଷରୁ କଳା ଦିବସ ପାଳିତ ହୋଇଛି। ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଡା. ମୀନକେତନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଂଘ ସମ୍ପାଦକ ଡା. ହରେକୃଷ୍ଣ ନାୟକ ଯୋଗଦେଇ ରାଜସ୍ଥାନ ସରକାର ଡାକ୍ତରଙ୍କ ଉଦ୍ଦେଶ୍ୟରେ ଲାଗୁ କରିଥିବା ଆଇନକୁ ପ୍ରତ୍ୟାହାର କରି ନୂତନ ପ୍ରଣୟନ ସହ ଡାକ୍ତରଙ୍କ ସୁରକ୍ଷା ପାଇଁ ବୈଠକରେ ଦାବି କରାଯାଇଛି। ଡା. କନକଲତା ସାହୁ, ଡା. ସଙ୍ଗୀତା ବଳ, ଡା. ଦୀପଙ୍କର ମୁଖାର୍ଜୀ, ଡା. ଷ୍ଟାଲିନ ଦାସ, ଡା. ସୁବାସ ବିଶ୍ୱାଳ, ଡା. ନିଶାନ୍ତ ଦାସ, ଡା. ରଞ୍ଜିତ୍ ଖଟୁଆ ପ୍ରମୁଖ ମତ ରଖିଥିଲେ। ପରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ଶ୍ରୀରାମ ସମିତିର ବାଇକ୍ ଶୋଭାଯାତ୍ରା

ପଦ୍ମପୁର, ୨୭।୩ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ପଞ୍ଚାୟତ ଅଯୋଧା, ରଘୁପୁର ଶ୍ରୀରାମ ସମିତି ପକ୍ଷରୁ ରାମନବମୀ ଉପଲକ୍ଷେ ସୋମବାର ଅପରାହ୍ଣରେ ବାଇକ୍ ଶୋଭାଯାତ୍ରା କରାଯାଇଛି। ରଘୁପୁର ରାମନବମୀ ପଡ଼ିଆରୁ ଶୋଭାଯାତ୍ରା ଆରମ୍ଭ ହୋଇ ଲକ୍ଷ୍ମୀଦାସପୁର ବାଲିମେଦ ଓ ଜଗନ୍ନାଥପ୍ରସାଦ ପରିକ୍ରମା କରିଥିଲା। ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ ଜୟ ଶ୍ରୀରାମ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ଶ୍ରୀରାମ ସମିତିର ଜୟଦେବ ବାରିକ, ଚକ୍ରଧର ବେହେରା, ରମାକାନ୍ତ ବେହେରା, ପ୍ରକାଶ ଖିଲାର, ପ୍ରତାପ ବେହେରା, ତ୍ରୈଲୋଚନ ବାରିକ, ସଞ୍ଜୟ ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ଏପ୍ରିଲ ୭ରେ ଜାମକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ

ବାଲିଆପାଳ, ୨୭।୩(ସ୍ୱ.ପ୍ର.)-ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଜାମକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଏପ୍ରିଲ ୭ରୁ ୯ ତିନି ଦିନ ଧରି ଅନୁଷ୍ଠିତ ହେବ। ଏ ନେଇ ରବିବାର ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି କାର୍ଯ୍ୟକାରୀ ସଭାପତି ପୁରାତନ ଛାତ୍ର କମଳଲୋଚନ ପିଳାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ଏବଂ ଖବରଦାତା ଝାଡ଼େଶ୍ୱର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ବର୍ଣ୍ଣନା କରିଥିଲେ। କମିଟି ସଭାପତି ପୁରାତନ ଛାତ୍ର ବିଜୟ କୁମାର ପାତ୍ର, ବିଦ୍ୟାଳୟ ପ୍ରଧାନଶିକ୍ଷକ ହେମନ୍ତ ରାଉତ, ଗୁଣାକର ଦେ, ନିବାରଣ ଜେନା, ନଳିନୀ ଭୂଷଣ ଦାସ, ଖଗେନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ପତ୍ରିକା ଉନ୍ମୋଚିତ ହେବ। ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ଏବଂ ୧୯୭୩ ମସିହାଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟାଳୟ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ଆମନ୍ତ୍ରଣ କରାଯାଇ ବନ୍ଧୁମିଳନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି କମିଟି କାର୍ଯ୍ୟକାରୀ ସଭାପତି କମଲୋଚନ ପିଳା ପ୍ରକାଶ କରିଥିଲେ। ଶିକ୍ଷକ ସଞ୍ଜୟ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।

# ଅଦିନିଆ ବର୍ଷା, କୁଆପଥର ମାଡ଼ରେ ଫସଲ ନଷ୍ଟ

ବାଲେଶ୍ୱର ଅଫିସ, ୨୭।୩


କ୍ଷତିପୂରଣ ଦାବିରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର ସହର ନୂଆବଜାରସ୍ଥିତ ଅଫିସ୍‌ରେ ଓଡ଼ିଶା କୃଷକ ସଭା ଜିଲା କମିଟିର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଅଦିନିଆ ବର୍ଷା ଓ କୁଆପଥର ମାଡ଼ରେ କ୍ଷୟକ୍ଷତି ହୋଇଥିବା ରବି ଫସଲର କ୍ଷତିପୂରଣ ପାଇଁ ସରକାରଙ୍କ ନିକଟରେ ଦାବି କରି ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ଏକ ପ୍ରତିନିଧି ଦଳ ଦାବିପତ୍ର ପ୍ରଦାନ କରିଛନ୍ତି।

ଜିଲାର ଜଳେଶ୍ୱର, ରେମୁଣା, ବାଲିଆପାଳ, ବସ୍ତା, ଖଇରା, ଔପଦା ଓ ଭୋଗରାଇ ବ୍ଲକର ବିଭିନ୍ନ ଅଞ୍ଚଳରେ ଅଦିନିଆ ପ୍ରବଳ ବର୍ଷା ଓ କୁଆପଥର ମାଡ଼ରେ ତରଭୁଜ, କଖାରୁ, ଟମାଟୋ, ଜହ୍ନି, ଭେଣ୍ଡି, ପୋଟଳ, ମୁଗ, ବିରି, ଚିନାବାଦାମ ଏବଂ ରବିଧାନ ବ୍ୟାପକ ନଷ୍ଟ ହୋଇଛି। କୃଷକର ଚାଷ ଅମଳ ହେବା ସମୟରେ ଫସଲ ନଷ୍ଟ ସେମାନଙ୍କ ମେରୁଦଣ୍ଡ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ଏନେଇ ଚାଷୀମାନେ ମୁଣ୍ଡରେ

**କ୍ଷତିପୂରଣ ଦାବି କଲା କୃଷକ ସଭା**

ହାତ ଦେଇ ବସିଛନ୍ତି। ବର୍ତ୍ତମାନ ସୁଦ୍ଧା ସମସ୍ତ ଅଞ୍ଚଳରେ କ୍ଷୟକ୍ଷତିର ଆକଳନ ହୋଇନାହିଁ। ଫଳରେ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଓଡ଼ିଶା କୃଷକ ସଭା ଜିଲା କମିଟି ଦୃଢ଼ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ଜିଲା କମିଟି ସମ୍ପାଦକ ସୀତାଂଶୁ ସେନାପତି, ଜିଲା ସଭାପତି ଜଗଦାନନ୍ଦ ମହାପାତ୍ର, କୃଷକ ସଭା ରାଜ୍ୟ କମିଟି ସଭ୍ୟ ପ୍ରେମରଞ୍ଜନ ପାତ୍ର, ପ୍ରସନ୍ନ ଷଡ଼ଙ୍ଗୀ, ଦିଲୀପ ଗିରି, ଜୀବନ ପରିଡ଼ା, ଅମରେନ୍ଦ୍ର ନାୟକ, ବସନ୍ତ ମାଝି ଓ ଭଗବାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶାଶୁ ହତ୍ୟାକାରୀଙ୍କୁ ୭ ବର୍ଷ ଜେଲ

କେନ୍ଦୁଝର,୨୭।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଦୌରାଜଜ ଚିତ୍ତରଞ୍ଜନ ମହାପାତ୍ର ସୋମବାର ଏକ ହତ୍ୟା ମାମଲାର ରାୟ ଶୁଣାଇଛନ୍ତି। ରାୟରେ ଅଭିଯୁକ୍ତ ଜଗନ୍ନାଥ ମୁଣ୍ଡାଙ୍କୁ ୭ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ଜହାର ଟଙ୍କା ଜରିମାନା ଓ ଅନାଦାୟେ ଅତିରିକ୍ତ ୧ ବର୍ଷ କାରାଦଣ୍ଡ ଶୁଣାଇଛନ୍ତି। ଘଟଗାଁ ବ୍ଲକ୍ ଖୁଣ୍ଟୁପୁଟୁଳି ଗ୍ରାମର ଜଗନ୍ନାଥ ମୁଣ୍ଡା ମନୋହରପୁର ଗ୍ରାମର ରୁକ୍ମଣୀ ମୁଣ୍ଡାଙ୍କୁ ବିବାହ କରିଥିଲେ। କିଛି ବର୍ଷ ହେଲା ସେମାନେ ମନୋହରପୁରରେ ରୁକ୍ମଣୀଙ୍କ ଘରେ ରହୁଥିଲେ। ତାଙ୍କର ୪ ସନ୍ତାନ ଥିବାରୁ ତାଙ୍କ ଶାଶୁ ନାଙ୍ଗି ମୁଣ୍ଡା(୫୫) ଆଉ ସନ୍ତାନ ନ କରିବାକୁ କହୁଥିଲେ। ଫଳରେ ଜଗନ୍ନାଥ ଅଲଗା ରହୁଥିବା ବେଳେ ୩୧ଜୁଲାଇ ୨୦୧୮ ରାତିରେ ଘରକୁ ଆସି ସ୍ତ୍ରୀଙ୍କ ସହ ସମ୍ପର୍କ ରଖିବାକୁ ଚେଷ୍ଟା କରିଥିଲେ। ଶାଶୁ ବିରୋଧ କରିବାରୁ ଉତ୍ତ୍ୟକ୍ତ ହୋଇ ତଣ୍ଟି ଚିପି ହତ୍ୟା କରିଥିଲେ। ରୁକ୍ମଣୀଙ୍କ ଏତଲା କ୍ରମେ ଘଟଗାଁ ପୋଲିସ (ନଂ. ୧୨୧/୧୮)ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୯ ଜଣ ସାକ୍ଷୀ, ପୋଲିସ ତଦନ୍ତ ରିପୋର୍ଟ ଆଧାରରେ କୋର୍ଟ ଏହି ଦଣ୍ଡାଦେଶ କରିଛନ୍ତି। ସରକାରୀ ଓକିଲ ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

# ସମବାୟ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା



ଚିତ୍ରଡ଼ାରେ ଅନୁଷ୍ଠିତ ଋଣ କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ମୋରଡ଼ା/ଖୁଣ୍ଟା,୨୭।୩(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା ଚିତ୍ରଡ଼ା ଲ୍ୟାମ୍ପସ ପରିସରରେ ସୋମବାର ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଆୟୋଜିତ ହୋଇଯାଇଛି। ଚିତ୍ରଡ଼ା ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ବୀରପ୍ରତାପ ଶମ୍ଭୁ ନାରାୟଣ ରାଠୋର ତଥା ଲ୍ୟାମ୍ପସ ସଭାପତି ମାଥୁରା ସୋରେନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୋରଡ଼ା ବ୍ଲକ ଅଧ୍ୟକ୍ଷ ପୀଥନାଥ ସୋରେନ, ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ଏଆର୍‌ସିଏସ୍ ବାଦଲ ସାହାଣୀ, ସହକାରୀ କୃଷି ଅଧିକାରୀ ଲିଶା ପ୍ରିୟଦର୍ଶନୀ, ଜିଲା ପରିଷଦ ସଭ୍ୟା ମିନାକ୍ଷୀ ସୋରେନ, ନାରୀନେତ୍ରୀ ବିଦ୍ୟୁତ୍‌ପ୍ରଭା ବେହେରା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିଜୟ କୁମାର ସେଠୀ, ମୃତ୍ତିକାସଂରକ୍ଷଣ ଅଧିକାରୀ ରାମଚନ୍ଦ୍ର ମୁର୍ମୁ, ସହକାରୀ ମତ୍ସ୍ୟ ଅଧିକାରୀ ଲକ୍ଷ୍ମୀଧର ହେମ୍ବ୍ରମ, ବରକନ୍ଦ ଏମ୍‌ସିସି ବ୍ୟାଙ୍କ ଶାଖା ପରିଚାଳକ ମଧୁସ୍ମିତା ଗିରି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କେବଳ ଧାନ ଚାଷ କଲେ ଚଳିବନି ଚାଷୀମାନଙ୍କୁ ସମସ୍ତ ପ୍ରକାର ଅର୍ଥକରୀ ଫସଲ ଚାଷ ଆରମ୍ଭ କରି ବୈପ୍ଳବିକ ପରିବର୍ତ୍ତନର ଶୁଭାରମ୍ଭ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସେହିପରି ଖୁଣ୍ଟା ବ୍ଲକ ଅଧୀନ ବି.ସି.ପୁର ଲ୍ୟାମ୍ପସ ପକ୍ଷରୁ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ ମେଳା ସମ୍ପର୍କୀତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତିର ସଭାପତି ସଂଯୁକ୍ତା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବିଆରସିଏସ୍ କୃଷ୍ଣଚନ୍ଦ୍ର ଦାସ, ଏମ୍‌ସିସି ବ୍ୟାଙ୍କର ଏଜିଏମ୍ ପ୍ରକାଶ ଚନ୍ଦ୍ର ବାରିକ, ଖୁଣ୍ଟା ଏମ୍‌ସିସି ବ୍ୟାଙ୍କ ଶାଖା ପରିଚାଳକ ଜୟଚନ୍ଦ୍ର ସୋରେନ, ଲ୍ୟାମ୍ପସର ଉପସଭାପତି ବାଗ୍ରାୟ ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ଲ୍ୟାମ୍ପସ ଏମ୍‌ଡି ଶୁଭମ ଘୋଷ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ୪୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ


ମଦ୍ୟପାନ କରିଛନ୍ତି କି ନାହିଁ ପୋଲିସ ଜଣେ ଡ୍ରାଇଭରଙ୍କୁ ଯାଞ୍ଚ କରୁଛି।

କେନ୍ଦୁଝର,୨୭।୩(ସ୍ୱ.ପ୍ର.)

କେନ୍ଦୁଝରସ୍ଥିତ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗତ ୩ ଦିନ ଧରି ଚଢ଼ାଉ କରି ଜିଲାର ବିଭିନ୍ନ ସ୍ଥାନରେ ୪୩ ଜଣ ଲୋକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ବାତିଲ କରାଯାଇଛି। ଯେଉଁମାନେ ମଦ୍ୟପାନ କରି ଗାଡ଼ି ଚଳାଉଛନ୍ତି ସେମାନଙ୍କ ଲାଇସେନ୍ସ ବାତିଲ କରାଯାଇଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳ କୃଷ୍ଣ ଦାସ କହିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲାରେ ପ୍ରତ୍ୟେକ ଦିନ ରାସ୍ତା ଦୁର୍ଘଟଣା ଘଟି ମୃତାହତ ହେଉଥିବାରୁ ପରିସ୍ଥିତି

**ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଯାଞ୍ଚ କଡ଼ାକଡ଼ି**

ଚିନ୍ତାଜନକ ରହିଛି । ବିଭିନ୍ନ କାରଣରୁ ରାସ୍ତା ଦୁର୍ଘଟଣା ଘଟୁଥିବା ବେଳେ ତନ୍ମଧ୍ୟରୁ ବେପରୁଆ ଓ ନିଶାଶକ୍ତ ଅବସ୍ଥାରେ ଗାଡ଼ି ଚାଳନା ପ୍ରମୁଖ କାରଣ ହୋଇଛି। ଏଣୁ ଏହାକୁ ରୋକିବା ପାଇଁ ପରିବହନ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଯାଞ୍ଚ କରି ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଲାଇସେନ୍ସ ବାତିଲ କରିବା ସହ ଚାଲାଣ କାଟି ମାମଲା କୋର୍ଟକୁ ପଠାଇଯାଇଥିବା ଜଣାପଡ଼ିଛି। ଆଞ୍ଚଳିକ ପରିବହନ ବିଭାଗ, ପୋଲିସ, ପୂର୍ତ୍ତ ବିଭାଗ ଏବଂ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଏକ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଏପ୍ରିଲ ୧ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଚଢ଼ାଉ ଜୋରଦାର କରାଯିବ। ସ୍କୁଲ ପିଲାଙ୍କୁ ଗାଡି ଚଲାଇବା ମନା କରାଯାଇଛି। ନାବାଳକ ଗାଡ଼ି ଚଳାଉଥିବା ବେଳେ ଧରାପଡ଼ିଲେ ୨୫ ହଜାର ଟଙ୍କା ଜରିମାନା ସହିତ ବାଇକ ମାଲିକଙ୍କୁ କୋର୍ଟଚାଲାଣ କରାଯିବ। କେନ୍ଦୁଝର ସହର ସମେତ ବିଭିନ୍ନ ବିଦ୍ୟାଳୟ ଆଖପାଖରେ କଡ଼ାକଡ଼ି ଯାଞ୍ଚ କରାଯିବ ।ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ପ୍ରକାଶ କରିଛନ୍ତି।

### ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ପ୍ରଶିକ୍ଷଣ ଶିବିର

ଖଇରା, ୨୭।୩(ଡି.ଏନ.ଏ.)

ଓଡିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ମିଳିତ ଆନୁକୂଲ୍ୟରେ ଖଇରା ବ୍ଲକ ସମ୍ମିଳନୀ କକ୍ଷରେ ଓଡିଶା ଲୋକସେବା ଅଧିକାର ଅଧିନିୟମ ପ୍ରଶିକ୍ଷଣ ଶିବିର ଓ ଜିଲାସ୍ତରୀୟ ସରକାରୀ ଯୋଜନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ପ୍ରଶାନ୍ତ କୁମାର ମହାରଣା ପୌରୋହିତ୍ୟ କରିଥିଲେ। ଲୋକସେବା ଅଧିକାର ଅଧିନିୟମ ଉପରେ ଆଲୋକପାତ କରାଯାଇଥିଲ। ପ୍ରତିଟି ବିଭାଗ ବା ଯୋଜନା ୫-ଟି ଅଧୀନରେ ଥିବା ବେଳେ ସ୍ୱଚ୍ଛତା ଓ ଦଳଗତ କାର୍ଯ୍ୟ ଉପରେ ସମସ୍ତେ ଦୃଷ୍ଟି ଦେବା ଦରକାର। ଲୋକପ୍ରତିନିଧିମାନେ ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଆବଶ୍ୟକ ବୋଲି ପ୍ରଶାସନିକ ଅଧିକାରୀମାନେ ଉଲ୍ଲେଖ କରିଥିଲେ। ଏଥିସହ ଅଧିକାରୀମାନେ ବିଭିନ୍ନ ସମୟର ଓଡିଶା ଗେଜେଟ ନୋଟିଫିକେଶନର ଅବତାରଣା କରିଥିଲେ। ବିଡିଓ ପର୍ଶୁରାମ ପଣ୍ଡା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ, ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳ, ଏଚଆରଏମ୍‌ଏସ ଅପୂର୍ବ ରାୟ ମହାପାତ୍ର, ସିଡିପିଓ ଜାନକୀ ଦାସ, ସହକାରୀ କୃଷି ଅଧିକାରୀ ସରୋଜ କୁମାର ଜେନା, ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା.ପ୍ରଭାକର ମିଶ୍ର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଜିଲାପାଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ବାରିପଦା ଅଫିସ,୨୭।୩

କୁଡୁମୀ ଜାତିକୁ ଅନୁସୂଚୀତ ଜନଜାତି ତାଲିକାଭୁକ୍ତ କରିବା ଦାବିରେ ସୋମବାର ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଦିବାସୀ କୁଡୁମୀ ସମାଜ କେନ୍ଦ୍ର କମିଟିର ନିର୍ଦ୍ଦେଶକ୍ରମେ କୁଡୁମୀ ସମାଜ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରାରମ୍ଭରେ ଝୁମର ସମ୍ରାଟ ସ୍ୱର୍ଗତ ସୌରୀବନ୍ଧୁ ମହାନ୍ତଙ୍କ ଅକାଳ ବିୟୋଗରେ

**କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ଦାବି**

ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପରେ ଆଦିବାସୀ କୁଡୁମୀ ସମାଜ ଓଡ଼ିଶା ଶାଖାର ସଭାପତି ମନୋଜ ମହାନ୍ତ ଓ ଜିଲା ସଭାପତି ନିରଞ୍ଜନ ମହାନ୍ତଙ୍କ ଉପସ୍ଥିତିରେ ସମସ୍ତ ଆନ୍ଦୋଳନକାରୀ ହକ ପାଇଁ ଦାବି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛୋଟଲାଲ ମହାନ୍ତ, ଗୋପବନ୍ଧୁ ମହାନ୍ତ, ଚିତ୍ତରଞ୍ଜନ ମହାନ୍ତ, ପଟେଲ ମହାନ୍ତ, ଦୀପକ ମହାନ୍ତ, ମାମିନା ମହାନ୍ତ, ଜିତେନ ମହାନ୍ତ, ତ୍ରିଲୋଚନ ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାସ୍ଥଳରେ ମହିଳାମାନଙ୍କ ଦ୍ୱାରା ରାସ୍ତା ମଝିରେ ପାଞ୍ଚାଶାଳିଆ ଝୁମର ନୃତ୍ୟ ପରିବେଷଣ କରାଯାଇଥିଲା। ବସନ୍ତ କୁମାର ମହାନ୍ତ, କୃପାସିନ୍ଧୁ ମହାନ୍ତ, ସଞ୍ଜୀବ କୁମାର ମହାନ୍ତ, ମନୋଜ ମହାନ୍ତଙ୍କ ସମେତ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ପୋଖରୀରେ ପଡ଼ି ଶିଶୁ ମୃତ

ଭଦ୍ରକ ଅଫିସ,୨୭।୩

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତ ତଳବନ୍ଧ ଗ୍ରାମରେ ପୋଖରୀରେ ପଡ଼ିଯିବାରୁ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁକନ୍ୟା ହେଲେ ବୁଦ୍ଧିରାମ ନାୟକଙ୍କ ଝିଅ ପ୍ରତ୍ୟାଶା(୨)। ସେ ରବିବାର ମଧ୍ୟାହ୍ନରେ ଘର ନିକଟସ୍ଥ ଏକ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୨୦୧୦ ବ୍ୟାଚ୍‌ର ବନ୍ଧୁମିଳନ ପର୍ବ



ବନ୍ଧୁ ମିଳନରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ର।

ବାଲେଶ୍ୱର ଅଫିସ, ୨୭।୩

ବାଲେଶ୍ୱର ଜିଲା ଜଳେଶ୍ୱରର ଖୁଆଡ଼ ଦୀନକୃଷ୍ଣ ଉଚ୍ଚ ବିଦ୍ୟାଳୟର ୨୦୧୦ ବ୍ୟାଚ୍‌ର ୪୨ଛାତ୍ରୀଛାତ୍ର ଏବଂ ତାଙ୍କର ପରିବାରବର୍ଗ ନେଇ ଖୁଆଡ଼ର ଦୀନକୃଷ୍ଣ ଷ୍ଟାଡ଼ିୟମ୍‌ରେ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ସମସ୍ତ ବନ୍ଧୁ ପୁରୁଣା କଥା ମନେ ପକେଇ ଆତ୍ମବିଭୋର ହୋଇଥିଲେ। ସେତେବେଳର ଆଦର୍ଶ ଛାତ୍ର ଏବେର ରାଇରଙ୍ଗପୁର ସ୍କୁଲର କନିଷ୍ଠ ଶିକ୍ଷକ ସୁମନ୍ତ ଜେନା କହିଥିଲେ ଯେ, ସ୍କୁଲ୍ ବନ୍ଧୁ ହେଉଛି ପ୍ରକୃତ ବନ୍ଧୁ। ଶେଷରେ ଭୋଜିଭାତ ସହ ସମସ୍ତେ ଆନନ୍ଦ ଉଲ୍ଲାସରେ ମଜା ନେଇଥିଲେ।

# ସମ୍ମାନିତ ହେଲେ ୪୫ ଛାତ୍ରୀଛାତ୍ର

**ଖଡିପଦା ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ**

ଧାମନଗର,୨୭।୩ (ଡି.ଏନ.ଏ.)


ସମାରୋହରେ ଅତିଥିଙ୍କ ସହ ସମ୍ମାନିତ ଛାତ୍ରୀଛାତ୍ର।

ଶିକ୍ଷାନୁଷ୍ଠାନ ଗୋଟିଏ ନଟେଇ ପରି, ଯାହାର ସମ୍ପର୍କର ସୂତାରେ ଛାତ୍ରୀଛାତ୍ର ସଫଳତାର ଆକାଶକୁ ଛୁଇଁବା ପାଇଁ ପ୍ରୟାସ କରିଥାନ୍ତି। ଏକ କୂଳ ବୃଦ୍ଧ ଶିକ୍ଷାନୁଷ୍ଠାନ ସମସ୍ତଙ୍କ ପ୍ରଣମ୍ୟ ବୋଲି ଧାମନଗର ବ୍ଲକ ଖଡିପଦା ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ସାଧାରଣ ପ୍ରଶାସନ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ସଚିବ ବାମଦେବ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ, ମୁଖ୍ୟବକ୍ତା ଧାମନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ସଂସଦ ସଭାପତି ରଣଜିତ କୁମାର ରଥ, ସମ୍ପାଦକ ମନୋଜ କୁମାର ଜେନା, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୪୫ ଛାତ୍ରୀଛାତ୍ରଙ୍କୁ ରାମରତ୍ନ ନନ୍ଦ ମେଧା ସମ୍ମାନ ଓ ଆଦର୍ଶ ଶିକ୍ଷକ ସନ୍ତୋଷ କୁମାର ରଥ ସମ୍ମାନ ପ୍ରଦାନ କରାଯାଇଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ଅଧିବକ୍ତା ଦେବାଶିଷ ସାମଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ଓ ମୁଖ୍ୟବକ୍ତା ଭାବେ ଡ. ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ପୁରାତନ ଛାତ୍ର ଇଂ. ମନୋଜ ରଞ୍ଜନ ନନ୍ଦଙ୍କ ସଭାପତିତ୍ୱରେ ତୃତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ପ୍ରାଣକୃଷ୍ଣ ଆଚାର୍ଯ୍ୟ, ମୁଖ୍ୟବକ୍ତା ପଣ୍ଡିତ ବୀରେନ୍ଦ୍ର ପଣ୍ଡା, ଚଳଚ୍ଚିତ୍ର ନାୟିକା ସୁଶ୍ରୀ ଶିବାନୀ ସଙ୍ଗୀତା ଓ ହାସ୍ୟ ଅଭିନେତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଦାନ କରିଥିଲେ। ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର, ବିଶ୍ୱକେତନ ସାମଲ, ହୃଦାନନ୍ଦ କର, ପୁଷ୍ପାଞ୍ଜଳି ନନ୍ଦ, ସୁରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହେଶ୍ୱର ଦାଶ, କେଦାରନାଥ କର, ସୌମ୍ୟରଞ୍ଜନ ସାହୁ, ଦାମୋଦର ନନ୍ଦ, ପୀତାମ୍ବର ସାହୁ, ସରୋଜ ଦାଶ, ଦେବେନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର ସାମଲ, ସିଦ୍ଧେଶ୍ୱର ସାମଲ, ସନ୍ତୋଷ ସେଠୀ ଓ ରବୀନ୍ଦ୍ର ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାକ୍ତନ ଶିକ୍ଷକ କୃଷ୍ଣଚନ୍ଦ୍ର ଦାଶଙ୍କ ନିର୍ଦ୍ଦେଶନାରେ ନାଟକ 'ମିଛ ସଂସାର' ପରିବେଷଣ ହୋଇଥିଲା।

# ସରୁନି ପିଏଫ୍ ଆଞ୍ଚଳିକ କାର୍ଯ୍ୟାଳୟ କାମ

କେନ୍ଦୁଝର,୨୭।୩ (ସ୍ୱ.ପ୍ର.)

**ଭଡ଼ା ବାବଦକୁ ମାସକୁ ଲକ୍ଷେ**



କେନ୍ଦୁଝର କର୍ମଚାରୀ ଭବିଷ୍ୟନିଧି ସଂଗଠନ କ୍ଷେତ୍ରୀୟ କାର୍ଯ୍ୟାଳୟ ।

ଦୀର୍ଘ ବର୍ଷ ହେଲା କେନ୍ଦୁଝର କର୍ମଚାରୀ ଭବିଷ୍ୟନିଧି ସଂଗଠନ କ୍ଷେତ୍ରୀୟ କାର୍ଯ୍ୟାଳୟ ଭଡ଼ା ଘରେ ଚାଲି ଆସୁଛି। ଏହାର ନିଜସ୍ୱ ନୂତନ ବିଲ୍ଡିଂ ଘୁଟୁରୁଠାରେ ନିର୍ମାଣ ହୋଇଥିଲେ ହେଁ ଅଫିସ ସ୍ଥାନାନ୍ତରଣ ହେଉ ନ ଥିବାରୁ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ କୋଠା କାମରେ ଲାଗିପାରୁନାହିଁ। ଫଳରେ ଇତିମଧ୍ୟରେ ଭଡ଼ା ବାବଦକୁ ଭାରତ ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରାଳୟର ମାସକୁ ୧ଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି। ନିର୍ମାଣ କାର୍ଯ୍ୟ ସରୁ ନ ଥିବାରୁ ସ୍ଥାନାନ୍ତର ହୋଇପାରୁ ନ ଥିବା ବିଭାଗ ପକ୍ଷରୁ କୁହାଯାଉଛି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ଏବଂ ମୟୂରଭଞ୍ଜ ଜିଲାକୁ ନେଇ କେନ୍ଦୁଝରଠାରେ ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ ୨୦୦୬ ଅକ୍ଟୋବର ୧୭ରୁ ପ୍ରତିଷ୍ଠା ହୋଇଥିଲା। ଏହା କେନ୍ଦୁଝରର ପବିତ୍ରଡ଼ିହା ମୌଜାର କରଞ୍ଜିଆ ବସ୍‌ଷ୍ଟାଣ୍ଡ ନିକଟରେ ମାସିକ ୧ଲକ୍ଷ ଟଙ୍କା ଦେୟ ଭଡ଼ା ଘରେ ଚାଲିଆସୁଛି। ତେବେ ଭଡ଼ା ବାବଦକୁ ଖର୍ଚ୍ଚ ରୋକିବା ପାଇଁ ଘୁଟୁରୁଠାରେ କ୍ଷେତ୍ରୀୟ କାର୍ଯ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ କାମ ଚାଲିଛି। ତେବେ ବିଭିନ୍ନ ଆଳରେ କାମ ସରି ନ ଥିବା ଦର୍ଶାଇ ସ୍ଥାନାନ୍ତରଣ କରାଯାଉ ନ ଥିବାରୁ ଭଡ଼ା ବାବଦକୁ ଅଯଥାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଛି। କେଉଁ କାରଣରୁ ସ୍ଥାନାନ୍ତରଣ ହୋଇପାରୁନାହିଁ। ସରକାରୀ ରାଜସ୍ୱହାନୀ ପଛରେ କିଏ ଦାୟୀ, ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରମିକ ନେତା ମହେଶ୍ୱର ରାଉତ ଦାବି କରିଛନ୍ତି। ଅସ୍ଥାୟୀ ଭାବେ ଭଡ଼ା ଘରେ କାମ କରିବା ପାଇଁ ସଠିକ୍ ପରିବେଶ ନଥିବାବେଳେ ଆସୁଥିବା ପିଏଫ୍ ଉପଭୋକ୍ତାମାନଙ୍କ ପାଇଁ ଯଥେଷ୍ଟ ସ୍ଥାନ କିମ୍ବା ସୁବିଧା ନଥିବା, ପାର୍କିଂ ସ୍ଥାନ ନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କୋଠାର ନିର୍ମାଣ ଆରମ୍ଭ, ଶେଷ ଏବଂ ବ୍ୟୟ ଅଟକଳ ଏବଂ କାର୍ଯ୍ୟ କରୁଥିବା ସଂସ୍ଥା ନାମର ସୂଚନା ଫଳକ ନ ଥିବାରୁ ଲୋକମାନେ ଅନ୍ଧାରରେ ରହିଛନ୍ତି।

ତେବେ ନିର୍ମାଣ ଅବଧି ସରିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ନୂତନ କୋଠାରେ ସମସ୍ତ ସୁବିଧା ରହିଥିବାବେଳେ କାହିଁକି ସ୍ଥାନାନ୍ତରଣ କରାଯାଉନାହିଁ ତାହା ସନ୍ଦେହ ଘେରରେ।

## ଟିଁକିରାରେ ଚବିଶ ପ୍ରହର ନାମଯଜ୍ଞ

ଢେଙ୍କିକୋଟ,(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଟିଁକିରା ଟିଁକିରା ତଳସାହିସ୍ଥିତ ଜଗା ବଳିଆ ସଙ୍କୀର୍ତ୍ତନ ମଣ୍ଡଳ ଓ ରଜ ମହୋତ୍ସବର ମହିଳା ମଣ୍ଡଳ ପକ୍ଷରୁ ୭୫ତମ ଚବିଶ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ପାଟଣା ଅଞ୍ଚଳର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। କମିଟିର ସଭାପତି ଦିଲ୍ଲୀପ ନାଏକ, ସମ୍ପାଦକ ଭରତଚନ୍ଦ୍ର ନାଏକ, କୋଷାଧ୍ୟକ୍ଷ ମିତ୍ରଭାନୁ ନାଏକଙ୍କ ସମେତ ରଜ ମହୋତ୍ସବ କମିଟିର ସଦସ୍ୟ ସହଯୋଗ କରିଥିଲେ।

### ଆଜି କ'ଣ କେଉଁଠି

ଭଦ୍ରକ

- ରାମନବମୀ ମହାଯଜ୍ଞ ଉପଲକ୍ଷେ ମହିଳା କଳସ ଶୋଭାଯାତ୍ରା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ୧୦୮ କଳସ ଶୋଭାଯାତ୍ରା, ସ୍ଥାନ: ରଘୁପୁର, ରାମନବମୀ ପଡ଼ିଆ, ସମୟ: ସକାଳ ୮ଟା।

# ବାଲି ନିଲାମକୁ ଗ୍ରାମବାସୀଙ୍କ ବିରୋଧ

**ବାଲେଶ୍ୱର ଅଫିସ,୨୭।୩**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ତେନ୍ତୁଳିଦା ପଞ୍ଚାୟତ ଘୁଙ୍ଗି ମୌଜାର ସୋନ ନଦୀକୂଳରେ ଅବସ୍ଥିତ ବୋଇତବାଙ୍କ ଗ୍ରାମ ଆଜି ସଂକଟରେ। ଭୌଗୋଳିକ ଅବସ୍ଥିତି ବଦଳିଲେ ସମ୍ପୂର୍ଣ୍ଣ ଗ୍ରାମ ନଦୀଗର୍ଭରେ ଲୀନ ହୋଇଯିବାର ଆଶଙ୍କା ଦେଖାଦେଇଛି। ତେଣୁ ଏହାପୂର୍ବରୁ ବୋଇତବାଙ୍କ ଘାଟରେ ଥିବା ବାଲି ଉତ୍ସ ନିଲାମ ନିଷ୍ପତ୍ତି ବନ୍ଦ କରିବାକୁ ଗ୍ରାମବାସୀ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ନିଲାମ ପ୍ରକ୍ରିୟାକୁ ବାତିଲ୍ ନ କଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବା ସହ ଜିଲାପାଳ, ବିଡିଓ ଓ ତହସିଲ ଅଫିସ୍ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଘୁଙ୍ଗି ମୌଜାରେ ବୋଇତବାଙ୍କର ପ୍ଲଟ ୯୯୭ ଓ ୮୬୦ ନିକଟରେ ଘରବାରି, ବଗିଚା, ଗୋଚର, ଶ୍ମଶାନ


ବୋଇତବାଙ୍କ ଗ୍ରାମରେ ଥିବା ବାଲି ସଇରାତ୍।

ତଥା ତେନ୍ତୁଳିଦା ଓ ପତ୍ରିପାଳ ପଞ୍ଚାୟତକୁ ଯୋଗାଉଥିବା ବୃହତ୍ ପାନୀୟଜଳ ପ୍ରକଳ୍ପ ରହିଛି। ବାଲି ନିଲାମ ହେଲେ ପାଣିର ଉତ୍ସ ବନ୍ଦ ହେବା ସହ ନଦୀ ବାଙ୍କରେ ଅବସ୍ଥିତ ଗ୍ରାମ ପ୍ରତି ବିପଦ ସୃଷ୍ଟି ହେବ। ବାଲି ଉଠିଗଲେ ବନ୍ୟା ସମୟରେ ନଦୀ ଗତିପଥ ବଦଳିବା ସହ ଗ୍ରାମ ନଦୀ ଗର୍ଭରେ ଲୀନ ହୋଇଯିବ। ଏଥିସହ ନୂତନ ଭାବେ ନିର୍ମାଣ ହେଉଥିବା ପୋଲ ପ୍ରତି ବିପଦ ଆଶଙ୍କା ରହିଛି। ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ନିଲାମ ପ୍ରକ୍ରିୟାକୁ ବନ୍ଦ ରଖନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

ଗ୍ରାମର ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ ଅଶ୍ରୁ କୁମାର ସ୍ୱାଇଁ କହିଛନ୍ତି,

### ସଙ୍କଟରେ ବୋଇତବାଙ୍କ ଗାଁ

ପ୍ରାଚୀନ ଉତ୍କଳୀୟ ନୌବାଣିଜ୍ୟ ସହ ଗ୍ରାମର ସମ୍ପର୍କ ଥିବାରୁ ଏହାର ନାମ ବୋଇତବାଙ୍କ ହୋଇଛି। ବାଲେଶ୍ୱରଠାରେ ଏକ ବନ୍ଦର ଥିବା ଓ ତାର ଏକ ଶାଖା ବୋଇତବାଙ୍କଠାରେ ଥିବା ଜନଶ୍ରୁତିରେ ଶୁଣିବାକୁ ମିଳେ। ସେହି ପ୍ରାଚୀନ ନୌବାଣିଜ୍ୟର ସ୍ମୃତି ବହନ କରୁଥିବା ବାଲି ସ୍ତୁପ ଦ୍ୱୟ ପ୍ଲଟ ୯୯୭ ଓ ୮୬୦ରେ ପ୍ରତିବର୍ଷ ଆଡ଼ମ୍ବର ସହକାରେ ୩ଦିନ ଧରି କାର୍ତ୍ତିକ ପୂର୍ଣ୍ଣିମା ଆୟୋଜିତ ହୋଇଆସୁଛି।

ଜୟନ୍ତ କୁମାର ପାଣିଗ୍ରାହୀ କହିଛନ୍ତି, ତଳିଆ ଅଞ୍ଚଳରୁ ବାଲି ଉଠିଯିବା ଫଳରେ ବନ୍ୟାରେ ଧୋଇ ହୋଇ ବର୍ତ୍ତମାନ ବାଲିର ସ୍ତର ମାତ୍ର ୧ ଫୁଟ୍ ରହିଛି। ଯଦି ବାଲି ସଇରାତ୍ ନିଲାମ ହୁଏ ତା'ହେଲେ ଏହି ପ୍ରାଚୀନ ସଂସ୍କୃତି ନଷ୍ଟ ହେବା ନିଶ୍ଚିତ।

## ତଣ୍ଟି ଚିପି ସ୍ତ୍ରୀଙ୍କୁ ହତ୍ୟା ମାମଲା
## ଦୋଷୀଙ୍କୁ ୧୨ ବର୍ଷ ଜେଲ

ଚମ୍ପୁଆ,୨୭।୩(ଡି.ଏନ୍.ଏ)-କେନ୍ଦୁଝର ଜିଲା ଚମ୍ପୁଆ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରାଜଜ୍ ସରୋଜ କୁମାର ଦାସ ଏହାର ବିଚାର କରି ଅଭିଯୁକ୍ତଙ୍କୁ ୧୨ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ଡିସେମ୍ବର ୨୪ରେ ଯୋଡ଼ା ଅଞ୍ଚଳ ଆଜାଦ ବସ୍ତିର ଅଭିଷେକ ଶର୍ମା ତାଙ୍କ ସ୍ତ୍ରୀ ସିମଲ ଶର୍ମାଙ୍କ ଚରିତ୍ରକୁ ସନ୍ଦେହ କରି ତଣ୍ଟି ଚିପି ହତ୍ୟା କରିଥିଲେ। ମୃତଦେହକୁ ପଙ୍ଖାରେ ଝୁଲାଇ ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା କରିଥିଲେ। ମୃତକଙ୍କ ପିତା ଅନିଲ ଶର୍ମାଙ୍କ ଅଭିଯୋଗକୁ ଭିତ୍ତିକରି ଯୋଡ଼ା ପୋଲିସ (ନଂ.୧୮୬/୨୦) ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଥିଲା। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମଧୁସୁଦନ ପତି ମାମଲା ପରିଚାଳନା କରୁଥିଲେ।

## ବିଦ୍ୟୁତ୍ ସଂସ୍ପର୍ଶରେ ଚାଷୀଙ୍କ ମୃତ୍ୟୁ

ଭୋଗରାଇ, ୨୭।୩(ଡି.ଏନ.ଏ.)-ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନୀଳପୁରା ଗ୍ରାମର ପ୍ରଭାତ କୁମାର ଜେନା ବିଦ୍ୟୁତ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ଏନେଇ କମର୍ଦ୍ଦା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ନୀଳପୁରା ପାଖ ଗାଁ ଚିଚକୁଲାରେ ଥିବା ଏକ ଡିପ ଟିଓ୍ୱେଲକୁ ନୀଳପୁରାରୁ ବିଦ୍ୟୁତ ସଂଯୋଗ ହୋଇଥିଲା। କିଛି ଦିନ ହେଲା ଏକ ଅବ୍ୟବହୃତ ଖୋଲା ବିଦ୍ୟୁତ ତାର ନୀଳପୁରା ଧାନବିଲରେ ପଡ଼ିରହିଥିଲା। ଏଥିରେ ବିଦ୍ୟୁତ ସଂଯୋଗ ନ ଥିବାରୁ ଏଥିପ୍ରତି କେହି ଗୁରୁତ୍ୱ ଦେଇ ନ ଥିଲେ। ସୋମବାର ପୂର୍ବାହ୍ନରେ ପ୍ରଭାତ ନୀଳପୁରା ବିଲରେ ଥିବା ନିଜ ଧାନଚାଷ ଦେଖିବା ପାଇଁ ଯାଇଥିଲେ। ସେହି ସମୟରେ କୌଣସି କାରଣରୁ ତଳେ ପଡିଥିବା ଏହି ଖୋଲା ତାରରେ ବିଦ୍ୟୁତ ସଂଯୋଗ ହୋଇଯାଇଥିଲା। ଏ ସମ୍ପର୍କରେ ପ୍ରଭାତ କିଛି ବି ଜାଣି ନ ଥିଲେ। ସେ ସେହି ତାର ପାର୍ଶ୍ୱ ଦେଇ ଯାଉଥିବା ବେଳେ ଗୋଡ଼ରେ ତାର ଲାଗିଯାଇଥିଲା। ବିଦ୍ୟୁତ ଝଟ୍‌କା ଲାଗିବା ଫଳରେ ସେ ସେହି ତାର ଉପରେ ମୁହଁ ମାଡି ପଡିଯାଇଥିଲେ। ମଧ୍ୟାହ୍ନ ପର୍ଯ୍ୟନ୍ତ ପ୍ରଭାତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜି ଖବର ନେବାରୁ ଧାନଜମିରେ ମୃତ ଅବସ୍ଥାରେ ଦେଖିଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ତୁରନ୍ତ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କମର୍ଦ୍ଦା ଥାନା ଏଏସ୍ଆଇ ରାଧାଗୋବିନ୍ଦ ମଡୁଆଳ ଡାକ୍ତରଖାନାରେ ପହଞ୍ଚି କମର୍ଦ୍ଦା ଥାନାରେ ଅପମୃତ୍ୟୁ ମାମଲା(ନଂ.୪/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ରାମନବମୀ ପାଇଁ ଶାନ୍ତି ବୈଠକ

### ସମ୍ବେଦନଶୀଳ ଅଞ୍ଚଳରେ କମ୍ ଲୋକରେ ରାମଝଣ୍ଡା ନେବାକୁ ଆହ୍ୱାନ


ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

**ଯୋଡ଼ା,୨୭।୩(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ୨୦୨୨ମସିହାରେ ରାମ ନବମୀ ପାଳନ ଉତ୍ସବରେ ରାମଝଣ୍ଡା, ଯୋଡ଼ା ମାର୍କେଟକୁ ଯିବା ବେଳେ ଉପୁଜିଥିବା ଦଙ୍ଗାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସୋମବାର ଏକ ଶାନ୍ତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ପୌରପାଳିକା ସଭାଗୃହରେ ଉଭୟ ସମ୍ପ୍ରଦାୟର ମୁରବୀ ଶ୍ରେଣୀୟ ଲୋକ, ମନ୍ଦିର ପରିଚାଳନା କମିଟି ସଦସ୍ୟ, ବିଭିନ୍ନ ମସଜିଦ୍ କମିଟି ମୁଖ୍ୟଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଅତୀତରେ ଘଟିଥିବା କଳଙ୍କିତ ଦଙ୍ଗା ଭଳି ଘଟଣା ଯେପରି ପୁନରାବୃତ୍ତି ନ ହୁଏ, ସେଥିପ୍ରତି ଉଭୟ ସମ୍ପ୍ରଦାୟ ସଚେତନ ହୋଇ ଯୁବ ଗୋଷ୍ଠୀକୁ ନିୟନ୍ତ୍ରଣରେ ରଖିବା ପାଇଁ ବୈଠକରେ ଆହ୍ୱାନ କରାଯାଇଥିଲା। ସମ୍ବେଦନଶୀଳ ଅଞ୍ଚଳରେ ରାମଝଣ୍ଡା, ଶ୍ରଦ୍ଧାଳୁମାନେ ନେବା ବେଳେ କମ ସଂଖ୍ୟାରେ ଯିବା ପାଇଁ ମନ୍ଦିର କମିଟିମାନଙ୍କୁ କୁହାଯାଇଥିଲା। ଏ ନେଇ ସ୍ୱେଚ୍ଛାସେବୀମାନଙ୍କୁ ପୋଲିସ ସହ ସମନ୍ୱୟ ରକ୍ଷା କରି ବ୍ୟାଚ ପ୍ରଦାନ ପାଇଁ ଥାନା ଅଧିକାରୀ ଗୁରୁତ୍ୱ ଦେଇଥିଲେ। ଉଭୟ ସମ୍ପ୍ରଦାୟ ପକ୍ଷରୁ ଆମିଷ ଦୋକାନ ବନ୍ଦ କରିବା ପାଇଁ ସହମତି ପ୍ରଦାନ କରିଥିଲେ। ପ୍ରଶାସନକୁ ରାମ ନବମୀରେ ମଦ ଦୋକାନ ବନ୍ଦ କରିବା ପାଇଁ ବୈଠକରେ ନିବେଦନ କରାଯାଇଥିଲା। ବୈଠକରେ ଚମ୍ପୁଆ ଉପ ଜିଲାପାଳ ସୁକାନ୍ତ ମାଝୀ, ବଡ଼ବିଲ ଏସଡିପିଓ ଉପାସନା ପାଢ଼ୀ, ଯୋଡ଼ା ପୌର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ, ଯୋଡ଼ା ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସମେତ ଯୋଡ଼ା ଥାନା ଅଧିକାରୀ ଜୟ ନାରାୟଣ ଖଣ୍ଡେଇ ପ୍ରମୁଖ ଯୋଗଦେଇଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବନ୍ଧୁମିଳନ

**ବାଙ୍ଗିରିପୋଷି,୨୭।୩(ଡି.ଏନ.ଏ.)**

ବାଙ୍ଗିରିପୋଷିଠାରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ଦ୍ୱୈମାସିକ ଅଧିବେଶନ ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ମନୋରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା କାର୍ଯ୍ୟକୁ ବରିଷ୍ଠ ସଦସ୍ୟ ହରିଶ୍ଚନ୍ଦ୍ର ମହାନ୍ତ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଗିରିଙ୍କୁ ସମ୍ମାନିତ କରାଯାଇଥିଲା। ସଂଘର ୨୫ଜଣ ସଦସ୍ୟଙ୍କର ଏକାକାଳୀନ ଜନ୍ମ ଉତ୍ସବ ପାଳନ କରାଯାଇଥିଲା। ସମ୍ପାଦକ ବାଞ୍ଛାବଟ ପ୍ରତିହାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ସର୍ବସମ୍ମତି କ୍ରମେ କମଲ କୁମାର ହୋତା,ବିଜୟ କୁମାର ସିଂ ଓ ମନୋରଞ୍ଜନ ବେହେରାଙ୍କୁ ଜିଲାସ୍ତରୀୟ କର୍ମକର୍ତ୍ତା ଭାବେ ମନୋନୀତ କରାଯାଇଥିଲା। ଉପସଭାପତି ପ୍ରହ୍ଲାଦ ଚନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ଦାସ,ପୂର୍ବତନ ସମ୍ପାଦକ ମହେନ୍ଦ୍ରନାଥ ବେହେରା, ବ୍ରଜ କିଶୋର ମାଝୀ ପ୍ରମୁଖ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ କହିଥିଲେ। ଉପସଭାପତି ବିଜୟ କୁମାର ସିଂ ଧନ୍ୟବାଦ ଦେଇଥିଲେ।

# ଖୋଲିଲା ହାଡ଼ବନ୍ଧ ପୋଖରୀ

**ଧରିତ୍ରୀ ପ୍ରଭାବ**

**କେନ୍ଦୁଝର,୨୭।୩(ସ୍ୱ.ପ୍ର.)**

ସାତ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ସୌନ୍ଦର୍ଯ୍ୟକରଣ କରାଯାଇଥିବା ହାଡ଼ବନ୍ଧ ପୋଖରୀ ସର୍ବସାଧାରଣଙ୍କ ପାଇଁ ସୋମବାର ଖୋଲିଛି। ଖୋଲିବା ପରେ ଲୋକେ ପ୍ରାତଃ ଭ୍ରମଣ କରିବା ସହ ପାର୍କରେ ମଜା ନେଇଥିଲେ। ବହୁ ଦିନ ପରେ ଖୋଲିଥିବାରୁ ସ୍ଥାନୀୟ ଲୋକମାନେ ଖୁସି ବ୍ୟକ୍ତ କରିଛନ୍ତି। ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ମାସ କେନ୍ଦୁଝର ଜିଲା ଗସ୍ତ ସମୟରେ ଏହାକୁ ଉଦ୍‌ଘାଟନ କରିଥିଲେ। ଏକ ମାସ ପରେ ବି ଏହି ପୋଖରୀ ଖୋଲାଯାଇ ନ ଥିଲା। ଫଳରେ ସ୍ଥାନୀୟ ଲୋକମାନେ ଏହା ମଧ୍ୟରେ ଥିବା ପାର୍କ ବୁଲିବା ସହ ବ୍ୟାୟାମ, ପ୍ରାତଃ ଭ୍ରମଣ ଆଦି କରିପାରୁ ନ ଥିଲେ।



ଠିକାଦାର କାମ ନ ସାରି ବିଳମ୍ବ କରିବା କାରଣରୁ ଏଭଳି ପରିସ୍ଥିତି ଉପୁଜିଥିଲା। ଠିକା ସଂସ୍ଥା କାମ ସାରିବାରେ ବହୁ ବିଳମ୍ବ କରିଥିବା ବେଳେ ତାଲା ପକାଇ ରଖିଥିବାରୁ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ନେଇ ଧରିତ୍ରୀରେ କେବେ ଖୋଲିବ ହାଡ଼ବନ୍ଧ ପୋଖରୀ ଶୀର୍ଷକ ଖବର ଗତ ୨୫ ତାରିଖରେ ପ୍ରକାଶ ପାଇବା ପରେ ରବିବାର ପୋଖରୀ ଖୋଲିବା ନେଇ ନିଷ୍ପତ୍ତି ପରେ ସୋମବାର ସର୍ବସାଧାରଣଙ୍କ ପାଇଁ ଖୋଲା ଯାଇଥିବା ଜଣାପଡ଼ିଛି। ତେବେ ଏହି ପୋଖରୀର ସୌନ୍ଦର୍ଯ୍ୟକରଣ କରି ସାଧାରଣ ଲୋକଙ୍କ ଗାଧୋଇବା ଉପରେ କଟକଣା ଲାଗୁ କରାଯାଇଥିବାରୁ ଏହାର ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ବିକଳ୍ପ ବ୍ୟବସ୍ଥା କରାଗଲେ ଗାଧୋଇବା କାମ ସହ ଶୁଦ୍ଧି ଓ ଧାର୍ମିକ କାମ କରିପାରନ୍ତେ ବୋଲି ମତବ୍ୟକ୍ତ କରିଛନ୍ତି।

## ୧୦୬ ଅଭିଯୋଗର ଶୁଣାଣି

**ବାସୁଦେବପୁର, ୨୭।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକସ୍ଥିତ ଚିନ୍ତାମଣି ସଭାଗୃହରେ ସୋମବାର ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ତହସିଲଦାର ସୌଭାଗ୍ୟ ପଣ୍ଡା, ବିଡିଓ ସତ୍ୟଜିତ ରାଉତ, ଏସ୍‌ଡିପିଓ ସୌରଭ ଓତା, ଆଇଆଇସି ସାବିତ୍ରୀ ପଣ୍ଡାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ମୋଟ ୧୦୬ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା।

## 'ଶିକ୍ଷା ପ୍ରଗତିର ପ୍ରଥମ ପାହାଚ'

ଧାମନଗର,୨୭।୩(ସ୍ୱ.ପ୍ର./ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଖପରପଦା ପଞ୍ଚାୟତସ୍ଥିତ ସରପୁର ମଧ୍ୟଇଂରାଜୀ ବିଦ୍ୟାଳୟର ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ବାଇଧର ବିଶ୍ୱାଳ ମୁଖ୍ୟଅତିଥି ଏବଂ ସାହିତ୍ୟିକ ଶ୍ରୀଧର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ହିଁ ପ୍ରଗତିର ପ୍ରଥମ ପାହାଚ ବୋଲି ବକ୍ତବ୍ୟ ରଖିଥିଲେ। ସାମାଜିକ କର୍ମୀ ସହଦେବ ସାହୁ, ସିଆର୍‌ସିସି ଗୋବିନ୍ଦ ଚନ୍ଦ୍ର ମାଝି, ଉମେଶ ଚନ୍ଦ୍ର ପତି, ଡିଲୋ ଏମ୍ଇ ସ୍କୁଲ ପ୍ରଧାନ ଶିକ୍ଷକ ମନୋଜ କୁମାର ପାଣିଗ୍ରାହୀ, ଏସ୍ଏମ୍‌ସି ଅଧ୍ୟକ୍ଷା ସୁମିତ୍ରା ସୂତାର, ପ୍ରତାପ ପତି ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ପଣ୍ଡୁ ଅତିଥି ପରିଚୟ ଓ ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଧାରଣାରେ ବସିଲେ ୫ ପଞ୍ଚାୟତ ଚାଷୀ

**ଜଳେଶ୍ୱର, ୨୭।୩(ଡି.ଏନ.ଏ.)**

ଚାଷୀଙ୍କୁ ରବିଋତୁରେ ଋଣ ଦିଆ ନ ଯିବା ଏବଂ ସେମାନଙ୍କ ଉପରେ ସୁଧ ସହିତ ଖିଲାପି ଋଣ ସୁଧ ଲାଗୁ ହୋଇଥିବାରୁ ଏହାର ପ୍ରତିବାଦରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ପାଇକସିଦା ପଞ୍ଚାୟତ ସମ୍ମୁଖରେ ସୋମବାର ୫ ପଞ୍ଚାୟତର ୧୫ଟି ଗାଁର ଚାଷୀ ଧାରଣାରେ ବସିଛନ୍ତି। ଆସନ୍ତା ଦିନରେ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରିବା ସହିତ ରାଜପଥ ଅବରୋଧ ସମ୍ପର୍କରେ ସୂଚନା ଦିଆଯାଇଛି।

ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ବାରକୋଣା, କୋଟସାହି ପଞ୍ଚାୟତର ଜମାଲପୁର, କାସିମପୁର, ବର୍ତ୍ତନା ପଞ୍ଚାୟତର ଶୋଲକଣ୍ଡା, କସିଦା, ସାନକସିଦା, ପାଇକସିଦା ପଞ୍ଚାୟତର କେଶପୁରା, ପାଇକସିଦା, ଚଳଗୋଛିଆ, ବାଲିକବାଡ, ଚିତ୍‌ମିଶ୍ରା, ଉତ୍ତରପଡା, ଖଳାପାଡିଆ, ଗଡସାହି ବାଲିଆପାଳ



ଚାଷୀମାନେ ପାଇକସିଦା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି।

ପଞ୍ଚାୟତର ସେହି ଗାଁକୁ ମିଶାଇ ୧୫ଟି ଗାଁର ପ୍ରାୟ ୮୫୦ ଚାଷୀ ସମବାୟ ସମିତିରେ ଚାଷୀ ଭାବେ ପରିଚିତ। ଗତ ରବିଋତୁ ସମୟରେ ଉପରୋକ୍ତ ଅଞ୍ଚଳରୁ ୪୮୮ ଜଣ ଋଣ ପାଇଁ ଆବେଦନ କରିଥିଲେ। ସେମାନଙ୍କୁ ଋଣ ନ ଦେବା, କେତେକଙ୍କଠାରୁ ଧାନ କିଣା ନ ଯିବା ଏପରିକି ପୂର୍ବରୁ ନେଇଥିବା ଋଣର ସୁଧ ଓ ଦଣ୍ଡସୁଧ ଦେବାକୁ ବାଧ କରାଯାଇଥିବା ଯୋଗୁ ଚାଷୀମାନେ ଉତ୍‌କ୍ଷିପ୍ତ ହୋଇଛନ୍ତି। ସମ୍ପାଦକ ଅନନ୍ତ କୁମାର ସାହୁ ଓ ସଭାପତି ମମତାରାଣୀ ସାହୁ ସେମାନଙ୍କଠାରୁ ସୁଧ ସହିତ ଦଣ୍ଡସୁଧ ବାବଦକୁ ୧୩ଟଙ୍କା ୫୦ପଇସା ହାରରେ ସୁଧ ପାଇଁ ନୋଟିସ୍ ଜାରି କରିଛନ୍ତି। ଏହାର ପ୍ରତିବାଦରେ ସମ୍ପାଦକ, ବ୍ୟାଙ୍କ ପରିଚାଳକ, ଭଦ୍ରକ-ବାଲେଶ୍ୱର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ, ଏସ୍ଆର୍‌ସି, ଡିଆର୍‌ସିଙ୍କ ଦୃଷ୍ଟିଗୋଚର କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ସଭାରେ ଚାଷୀମାନେ କ୍ଷୋଭ ପ୍ରକାଶ କରିଥିଲେ। ବରିଷ୍ଠ ନେତା ରମାନାଥ ଗିରିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଧାରଣାରେ ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ, ସରପଞ୍ଚ ପଦ୍ମଲୋଚନ ବେହେରା, ଅନନ୍ତ ରାଉଳ, ରମାନାଥ ଜେନା, ରାଧାଶ୍ୟାମ ଜେନା, କାହ୍ନୁଚରଣ ମହାନ୍ତି, ଅଜିତ୍ ସେଠୀ, ଶ୍ରୀପତି ପାଳ, ଯଦୁନାଥ ବେହେରା, ସନାତନ ପାଳ, ଜନ୍ମେଜୟ ସାହୁ, ଭଗିରଥ ମାଝି, ଯଦୁନାଥ ବେହେରା, ଡମ୍ବରୁଧର ମହାପାତ୍ର, ସଚିନ୍ଦ୍ର ଜେନା, ନବୀନ ସାହୁ, ବରେନ୍ଦ୍ର ମହାନ୍ତି, ରାଜକୁମାର ରାଉତ, ବଳରାମ ଜେନା, ଅଜିତ୍ ସେଠୀ, ଚନ୍ଦନ ଜେନା, ବଙ୍କିମ ବାଗ, ବାବୁରାମ ଦାସ, ବିଶ୍ୱଜିତ୍ ଜେନା ପ୍ରମୁଖ ସ୍ଥାୟୀ ସମ୍ପାଦକ ନିଯୁକ୍ତି ଓ ଦଣ୍ଡସୁଧରୁ ମୁକ୍ତ ନ ହେବା ପର୍ଯ୍ୟନ୍ତ ସେମାନେ ଆନ୍ଦୋଳନ ଜାରି ରଖିବେ ବୋଲି କହିଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


@ବବିତା


@ଆୟେଶା


@ଶଶିକାନ୍ତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ମୃତ ଚାଷୀଙ୍କ ସ୍ତ୍ରୀଙ୍କୁ ଦିଆଗଲା ୫ ଲକ୍ଷ ବୀମାରାଶି



**ଭଣ୍ଡାରିପୋଖରୀ, ୨୭।୩(ସ୍ୱ.ପ୍ର.)**

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖାଠାରେ ବଜ୍ରପାତରେ ମୃତ ଜଣେ ଚାଷୀଙ୍କ ସ୍ତ୍ରୀଙ୍କୁ ସୋମବାର ବୀମାରାଶି ପ୍ରଦାନ କରାଯାଇଛି। ପ୍ରକାଶ ଯେ, ତେସିଙ୍ଗା ପଞ୍ଚାୟତ ଭାଗଡା ଗ୍ରାମର ଚାଷୀ ମହେଶ୍ୱର ସେଠୀ ଗତ ଖରିଫ ଚାଷ ସମୟରେ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ କୃଷକ ବୀମା କରିଥିଲେ। ନିୟମ ଅନୁଯାୟୀ ତାଙ୍କ ସ୍ତ୍ରୀ ମୋହିନୀବାଳା ସେଠୀଙ୍କୁ ୫ଲକ୍ଷ ଟଙ୍କା ବୀମାରାଶି ଯୋଗାଇ ଦିଆଯାଇଛି। ଏହି ଅବସରରେ ସମ୍ପାଦକ ରାଜେନ୍ଦ୍ର ଖଣ୍ଡାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ, ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ପରିଚାଳନା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ଭାରତୀ, ପ୍ରକାଶ ମହାକୁଡ଼, ତେସିଙ୍ଗା ସମିତିସଭାପତି ନାରାୟଣ ଚନ୍ଦ୍ର ଦାସ, ଜୟନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଋଣ ଅଧିକାରୀ ଗୋଲକ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ହିସାବ ରକ୍ଷକ ପ୍ରଜ୍ଞାପରମିତା ମଲ୍ଲିକ, ସୁପରଭାଇଜର ଦାମୋଦର ମିଶ୍ର, ଆଦିତ୍ୟ ମଲ୍ଲିକ, ସ୍ମୃତିରଞ୍ଜନ ସାହୁ, ବିରଞ୍ଚି ରାଉତ, ଶ୍ରୀକାନ୍ତ ଦାସ, ସତ୍ୟବ୍ରତ ପଲେଇ ପ୍ରମୁଖ ପରିଚାଳନା କରିଥିଲେ।

## ବାରିପଦାରେ ହାଇକୋର୍ଟର ଭର୍ଚୁଆଲ କୋର୍ଟ ଉଦ୍‌ଘାଟିତ

**ବାରିପଦା ଅଫିସ,୨୭।୩:** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଜିଲା କୋର୍ଟ ପରିସରରେ ସୋମବାର ଓଡ଼ିଶା ହାଇକୋର୍ଟର ଭର୍ଚୁଆଲ କୋର୍ଟ ଉଦ୍‌ଘାଟିତ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଭର୍ଚୁଆଲ ମୋଡ୍‌ରେ ଏହି କୋର୍ଟକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ଓ ଦୌରା ଜଜ୍ ଅରବିନ୍ଦ ପଟ୍ଟନାୟକ ଉପସ୍ଥିତ ଥିଲେ। ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ଏଭଳି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଏହା ପ୍ରତିଷ୍ଠା ହେବା ଫଳରେ ହାଇକୋର୍ଟକୁ ନ ଯାଇ ମଧ୍ୟ ଜଣେ ଆଇନଜୀବୀ ଏହି ଭର୍ଚୁଆଲ କୋର୍ଟରେ ମାମଲା ଇ-ଫାଇଲିଂ, ବେଲ ପାଇଁ ଆବେଦନ କରି ପାରିବେ ବୋଲି ବାରିପଦା ଓକିଲ ସଂଘର ସଭାପତି ପ୍ରଦୀପ କୁମାର ରଥ ପ୍ରକାଶ କରିଛନ୍ତି।

